The Odisha Gazette

EXTRAORDINARY
PUBLISHED BY AUTHORITY

No. 1055, CUTTACK, THURSDAY, JUNE 28, 2018 / ASADHA 7, 1940

# ସଂସଦୀୟ ବ୍ୟାପାର ବିଭାଗ

## ଅଧିସୂଚନା

ତା. 27.06.2018

ସଂଖ୍ୟା–3337–OLA-I-13/2018/ସଂ.ବ୍ୟା.— ଓଡିଆ ଭାଷା ,ସାହିତ୍ୟ ,ସଂସ୍କୃତି ତଥା ଐତିହ୍ୟର ସଂରକ୍ଷଣ ଏବଂ ସମୃଦ୍ଧି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ବିଚାର ବିମର୍ଶ ପୂର୍ବକ ଆବଶ୍ୟକୀୟ ନୀତି ନିର୍ଦ୍ଧାରଣ କରି ତାହାକୁ କାର୍ଯ୍ୟକାରୀ କରିବାପାଇଁ ଓଡିଶା ସରକାର ଏକ କ୍ୟାବିନେଟ୍ ଭାବରେ "ଐତିହ୍ୟ କ୍ୟାବିନେଟ୍" ଗଠନ କରିଛନ୍ତି ।

ଏହି କ୍ୟାବିନେଟ୍ ନିମ୍ନଲିଖିତ ସଦସ୍ୟ ମାନଙ୍କୁନେଇ ଗଠନ କରାଯାଇଛି :—

୧. ମୁଖ୍ୟମନ୍ତ୍ରୀ

୨. ଅର୍ଥମନ୍ତ୍ରୀ

୩. ଓଡିଆ ଭାଷା ,ସାହିତ୍ୟ ଓ ସଂସ୍କୃତି ,ପର୍ଯ୍ୟଟନ ମନ୍ତ୍ରୀ

୪. ହସ୍ତତନ୍ତ ,ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ

୫. ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ

୬. ଉଚ୍ଚଶିକ୍ଷା ମନ୍ତ୍ରୀ

୭. ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ

୮. ଇଲୋକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ

ଐତିହ୍ୟ କମିଟିର କାର୍ଯ୍ୟାବଳୀ:—

)କ( ଓଡିଆ ଭାଷା ,ସାହିତ୍ୟ ଏବଂ ସଂସ୍କୃତିର ସଂରକ୍ଷଣ ,ପ୍ରଚାର ପ୍ରସାର ତଥା ସମୃଦ୍ଧି ନିମନ୍ତେ କାର୍ଯ୍ୟ କରୁଥିବା ସଂସ୍ଥା ଏବଂ ବିଭାଗ ଗୁଡିକ ମଧ୍ୟରେ ସମନ୍ୱୟ ରକ୍ଷା କରିବା ।

)ଖ( ଏଥି ନିମନ୍ତେ ଆବଶ୍ୟକ ନୀତି ନିର୍ଦ୍ଧାରଣ ପାଇଁ ଓଡିଆ ଭାଷା ,ସାହିତ୍ୟ ଏବଂ ସଂସ୍କୃତି ବିଭାଗ ସହିତ ସଂପୃକ୍ତ ସମସ୍ତ ବିଭାଗ ଗୁଡିକର ନିର୍ଦ୍ଦିଷ୍ଟ ପରାମର୍ଶ ଦେବା ଏବଂ ପ୍ରୟୋଜନ ହେଉଥିବା ପ୍ରସ୍ତାବ ଆଲୋଚନା ମାଧ୍ୟମରେ ଚୂଡାନ୍ତ କରିବା ।

)ଗ( ରାଜ୍ୟର ସାଂସ୍କୃତିକ ବୈଭବର ବ୍ୟାପକତା ଅନୁଧ୍ୟାନ ,ଏ ସମ୍ପର୍କିତ ସବିଶେଷ ତଥ୍ୟ ସଂଗ୍ରହ ଉପଲବ୍ଧ ବିଶେଷଜ୍ଞ ସଂରକ୍ଷଣ ଏବଂ ପ୍ରଚାର ,ପ୍ରସାର ତଥା ମୌଳିକତା ବଜାୟ ରହିବା ନିମନ୍ତେ ଆବଶ୍ୟକୀୟ ସମସ୍ତ ବିଭାଗ ,ଅନୁଷ୍ଠାନ ଏବଂ ବ୍ୟକ୍ତିବିଶେଷଙ୍କ ସହିତ ସହଯୋଗ ,ସମନ୍ୱୟ ଏବଂ ସହଭାଗିତା ଭିତ୍ତିରେ କାର୍ଯ୍ୟ କରିବା ।

)ଘ( ଓଡିଆ ଭାଷା ,ସାହିତ୍ୟ ଏବଂ ସଂସ୍କୃତିର ବ୍ୟାପକତା ଏବଂ ବିବିଧତା ଅକ୍ଷୁର୍ଣ୍ଣ ରଖିବା ନିମନ୍ତେ ସ୍ୱଳ୍ପ ତଥା ଦୀର୍ଘମିଆଦୀ ଯୋଜନା ପ୍ରସ୍ତୁତି ଓ ଅନୁମୋଦନ କରିବା ଏବଂ ସେ ସମ୍ପର୍କିତ ସମୟୋଚିତ ପରାମର୍ଶ ପ୍ରଦାନ କରିବା ।

୨. ମୁଖ୍ୟ ଶାସନ ସଚିବ ଐତିହ୍ୟ କ୍ୟାବିନେଟର ସଚିବ ଭାବରେ କାର୍ଯ୍ୟ କରିବେ ।

୩. ଓଡିଆ, ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଏହାର ଆବାହକ ଭାବରେ କାର୍ଯ୍ୟକରିବେ ।

୪. ସଂପୃକ୍ତ ସମସ୍ତ ବିଭାଗର ସଚିବଗଣ ଏହି କ୍ୟାବିନେଟ୍ ବୈଠକକୁ ସ୍ୱତନ୍ତ୍ର ଭାବରେ ନିମନ୍ତ୍ରିତ ହେବେ ।

ରାଜ୍ୟପାଳଙ୍କ ଆଦେଶ କ୍ରମେ

ଆଦିତ୍ୟ ପାଢ଼ୀ
ମୁଖ୍ୟ ଶାସନ ସଚିବ

Printed and published by the Director, Printing, Stationery and Publication, Odisha, Cuttack-10
Ex. Gaz. 532-173+100